# NATIONAL NEWS BULLETIN (ODIA)
## 3 December - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ପାରିତ ହେଲା କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍ ୨୦୨୫ ।
- ପ୍ରାକୃତିକ କୃଷି ପଦ୍ଧତିକୁ ଗ୍ରହଣ କରିବା ପାଇଁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ଦେଲେ ପରାମର୍ଶ ।
- ସଞ୍ଚାରସାଥି ଆପ୍‌ର ପ୍ରି-ଇନ୍‌ଷ୍ଟଲେସନ୍ ବାଧ୍ୟତାମୂଳକ ନୁହେଁ ସ୍ପଷ୍ଟ କଲେ ସରକାର ।
- ଛତିଶଗଡ଼ରେ ସୁରକ୍ଷାବାହିନୀ ସହ ଗୁଳି ବିନିମୟରେ ୨ ଯବାନ ସହିଦ୍ ଓ ୭ ମାଓବାଦୀ ନିହତ ।

ଏବଂ

- ରାୟପୁର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୩୫୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

# କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍

କେନ୍ଦ୍ରୀୟ ଅବକାରୀ ସଂଶୋଧନ ବିଲ୍ ୨୦୨୫ ଆଜି ଲୋକସଭାରେ ପାରିତ ହୋଇଛି । ଅବକାରୀ ଆଇନ୍ ୧୯୪୪କୁ ସଂଶୋଧନ କରାଯାଇ ବିଭିନ୍ନ ତମାଖୁ ସାମଗ୍ରୀ ଉପରେ ଅବକାରୀ ଶୁଳ୍କ ଏବଂ ସେସ୍ ବୃଦ୍ଧି କରାଯାଇଛି । ସିଗାରେଟ୍, ସିଗାର, ହୁକ୍କା, ତମାଖୁ, ଜର୍ଦ୍ଦା ଆଦି ବିଭିନ୍ନ ପ୍ରକାର ତମାଖୁ ସାମଗ୍ରୀ ଏହା ମଧ୍ୟରେ ଅନ୍ତର୍ଭୁକ୍ତ । ବିଲ୍ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଏହା ଅତିରିକ୍ତ କର କିମ୍ବା ନୂତନ ଆଇନ୍ ନୁହେଁ । ଜି.ଏସ୍.ଟି. ଲାଗୁ ହେବା ପରେ ମଧ୍ୟ କ୍ଷତିପୂରଣ ସେସ୍ ପ୍ରଦାନ ଜୁଲାଇ ୨୦୧୭ରୁ ୨୪ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି । ତମାଖୁ ସାମଗ୍ରୀର ମୂଲ୍ୟ ଜି.ଏସ୍.ଟି. ଲାଗୁ ହେବା ପରେ ବୃଦ୍ଧି ପାଇଛି । ତମାଖୁ ବ୍ୟବହାରକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି ସଂଶୋଧିତ ନୀତି କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

# ପିଏମ୍-ନାଚୁରାଲ୍ ଫାର୍ମିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାକୃତିକ କୃଷି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ପ୍ରାକୃତିକ ଜୈବ ବିବିଧତା ପାଇଁ ଉଦ୍ଭିଦ ଏବଂ ପଶୁପାଳନ

ସହାବସ୍ଥାନ ଆଦି ବିବିଧ କ୍ଷେତ୍ରକୁ ପ୍ରାକୃତିକ କୃଷି ପଦ୍ଧତି ପ୍ରୋତ୍ସାହନ ପ୍ରଦାନ କରିଥାଏ ।

ଦେଶବାସୀଙ୍କୁ ପ୍ରାକୃତିକ କୃଷି ପଦ୍ଧତି ଆପଣେଇବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି । କୃତ୍ରିମ ରାସାୟନିକ ଦ୍ରବ୍ୟ ଉପଯୋଗ ନ କରି ପାରମ୍ପରିକ ଜ୍ଞାନକୌଶଳ ଏବଂ ଆଧୁନିକ ପରିବେଶଗତ ନୀତି ଆଧାରରେ ଫସଲଚାଷ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । କୃଷି ଅବଶିଷ୍ଟାଂଶର ପୁନଃ ଚକ୍ରଣ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ମୃତ୍ତିକା ସ୍ୱାସ୍ଥ୍ୟ ବୃଦ୍ଧି ଦିଗରେ ଏହା ସହାୟକ ହୋଇଥାଏ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରାକୃତିକ କୃଷି କ୍ଷେତ୍ରରେ ଭାରତ ପ୍ରଶଂସନୀୟ ଅଗ୍ରଗତି କରିଛି । ଗତବର୍ଷ ଦେଶରେ ପ୍ରାକୃତିକ କୃଷି ଆଧାରିତ ଜାତୀୟ ମିଶନ୍ ଆରମ୍ଭ ହୋଇଥିଲା । ଚାଷୀଙ୍କୁ ପ୍ରାକୃତିକ କୃଷି ସହିତ ସାମିଲ କରିବାରେ ଏହି ମିଶନ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ପ୍ରଧାନମନ୍ତ୍ରୀ କିଶାନ୍ ଯୋଜନା ଅଭିଯାନ ପ୍ରାକୃତିକ କୃଷି କ୍ଷେତ୍ରକୁ ସୁଫଳ ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ ଶ୍ରୀଅନ୍ନ ଚାଷକୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି ବୋଲି କହିଛନ୍ତି ।

# ସଞ୍ଚାରସାଥି ଆପ୍

ସଞ୍ଚାରସାଥି ଆପ୍‌ର ବର୍ଦ୍ଧିତ ଗ୍ରହଣୀୟତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମୋବାଇଲ୍ ନିର୍ମାତାଙ୍କ ପାଇଁ ଏହି ଆପ୍‌ର ପ୍ରି-ଇନ୍‌ଷ୍ଟଲେସନ୍ ବାଧ୍ୟତାମୂଳକ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାର ସ୍ପଷ୍ଟ କରିଛନ୍ତି ଯେ ନାଗରୀକମାନେ ଯେତେବେଳେ ଚାହିଁବେ ଏହି ଆପ୍‌କୁ ହଟାଇ ପାରିବେ ଏବଂ ଆପ୍‌ରେ ବ୍ୟବହାରକାରୀଙ୍କୁ ସୁରକ୍ଷା ଦେବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନାହିଁ । କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ୧ ଦଶମିକ୍ ୪ କୋଟି ବ୍ୟବହାରକାରୀ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିଛନ୍ତି । ପ୍ରତିଦିନ ୨ ହଜାର ଠକେଇ ଘଟଣା ଘଟୁଥିବାର ଏହି ମୋବାଇଲ୍ ଆପ୍ଲିକେସନ୍‌ରେ ରିପୋର୍ଟ୍ କରାଯାଇଛି ।

ଗୋଟିଏ ଦିନରେ ୬ ଲକ୍ଷ ନାଗରୀକ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିବା ପାଇଁ ପଞ୍ଜିକରଣ କରିଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଜନସାଧାରଣଙ୍କର ଏହି ଡାଉନ୍‌ଲୋଡ୍ ୧୦ଗୁଣ ବୃଦ୍ଧି ପାଇଛି । ମନ୍ତ୍ରଣାଳୟ ଏହା ମଧ୍ୟ କହିଛି ଯେ ଆପ୍‌ଟି ସୁରକ୍ଷିତ ଏବଂ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ଏହା ଉଦ୍ଦିଷ୍ଟ ଅଟେ ।

# ଏଲ୍‌ଏସ୍‌-୫ଜି ଟାୱାର୍‌

କେନ୍ଦ୍ର ସରକାର କହିଛନ୍ତି ଯେ ଆଜି ପର୍ଯ୍ୟନ୍ତ ସମଗ୍ର ଦେଶରେ ୫ ଲକ୍ଷରୁ ଅଧିକ **5G** ବେଶ୍‌ ଟାନ୍‌ସିଭର୍‌ ଷ୍ଟେସନ୍‌ ସ୍ଥାପନ କରାଯାଇଛି । ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହା କହିଛନ୍ତି । ଶ୍ରୀ ସିନ୍ଧିଆ କହିଛନ୍ତି ଯେ ଭାରତ ନେଟ୍‌ ପ୍ରକଳ୍ପ ଅଧୀନରେ ଗ୍ରାମୀଣ ସଂଯୋଗୀକରଣରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି । ସେ କହିଛନ୍ତି ଯେ ଚଳିତ ବର୍ଷ ଅକ୍ଟୋବର ମାସ ସୁଦ୍ଧା ୨ଦଶମିକ୍‌ ୧/୪ ଲକ୍ଷ ଗ୍ରାମ ପଞ୍ଚାୟତ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ସେବା ପାଇଁ ପ୍ରସ୍ତୁତ ରହିଛି ।

ଏହି ପ୍ରକଳ୍ପ ଅଧୀନରେ ସମଗ୍ର ଦେଶରେ ୧୩ ଦଶମିକ୍‌ ୬/୬ ଲକ୍ଷ 'ଫାଇବର୍‌ ଟୁ ଦି ହୋମ୍‌' ସଂଯୋଗ ପ୍ରଦାନ କରାଯାଇଛି । ମନ୍ତ୍ରୀ କହିଛନ୍ତି ଯେ ସରକାର ଡିଜିଟାଲ୍‌ ଭାରତ ନିଧି ବ୍ୟବହାର କରି ଦୂରଦୂରାନ୍ତ ଏବଂ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏହାର ବିଭାଜନକୁ ଦୂର କରିବା ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି । ଭାରତ ନେଟ୍‌ ପ୍ରକଳ୍ପ ଗ୍ରାମପଞ୍ଚାୟତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପ୍ରଦାନ କରୁଛି ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି ।

## ଏଲ୍ଏସ୍-ସାଇକ୍ଲୋନ୍

ବାତ୍ୟା, ଆକସ୍ମିକ ବୃଷ୍ଟିପାତ ଏବଂ ଭୂକମ୍ପ ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଜନଜୀବନ ରକ୍ଷା ନେଇ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଭୂ-ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ଲୋକସଭାରେ ଆଜି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ କହିଛନ୍ତି, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଥିପାଇଁ ସଠିକ୍ ସମୟରେ ସତର୍କ ସୂଚନା ଜାରି କରାଯାଉଛି । ଇତିମଧ୍ୟରେ ମିଶନ୍ ମୌସମ ଭଳି ଏକ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଦେଶରେ ପାଣିପାଗ ସମ୍ପର୍କରେ ସମୟୋପଯୋଗୀ ତଥ୍ୟ ପ୍ରଦାନ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଡକ୍ଟର ସିଂହ କହିଛନ୍ତି, ନିକଟରେ କାର୍ଯ୍ୟକାରୀ ହୋଇଥିବା ଭାରତ ପୂର୍ବ ସୂଚନା ବ୍ୟବସ୍ଥାକୁ ଅଧିକ ବିକଶିତ କରାଯାଇଛି ।

## ଛତିଶଗଡ଼-ମାଓଇଷ୍ଟ ଏନ୍କାଉଣ୍ଟର୍

ଛତିଶଗଡ଼ ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୭ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ ଦୁଇ ଜଣ ସୁରକ୍ଷା କର୍ମୀ ମଧ୍ୟ ସହିଦ୍ ହୋଇଛନ୍ତି । ବିଜାପୁର ପୁଲିସ୍ ଅଧିକ୍ଷକ ଜିତେନ୍ଦ୍ର ଯାଦବ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଜାପୁର

ଦାନ୍ତେୱାଡ଼ା ସୀମାରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ଆଧାରରେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା । ଜିଲ୍ଲା ରିଜର୍ଭଗାର୍ଡ଼, ସ୍ୱତନ୍ତ୍ର ଟାସ୍କଫୋର୍ସ୍, କୋବ୍ରା ୟୁନିଟ୍ ଏବଂ ସି.ଆର୍.ପି.ଏଫ୍. ପକ୍ଷରୁ ମିଳିତ ଭାବେ ଏହି ତଲାସି ଅଭିଯାନ ଅବସରରେ ମାଓବାଦୀଙ୍କ ସହ ଗୁଳିବିନିମୟ ହୋଇଥିଲା ।

ବସ୍ତର୍ ରେଞ୍ଜର ପୁଲିସ୍ ମହାନିର୍ଦ୍ଦେଶକ ସୁନ୍ଦର ରାଜ ପି. କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣା ସ୍ଥଳରୁ ୭ ଜଣ ମାଓବାଦୀଙ୍କର ମୃତ ଦେହ ଉଦ୍ଧାର କରାଯାଇଛି । ବନ୍ଧୁକ ସହିତ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀ ମଧ୍ୟ ଜବତ ହୋଇଛି । ବିଜାପୁର ଜିଲ୍ଲା ରିଜର୍ଭ ଗାର୍ଡ଼ର ଜଣେ ହେଡ୍ କନ୍‌ଷ୍ଟେବଲ ଓ କନ୍‌ଷ୍ଟେବଲ ଗୁଳିବିନିମୟରେ ସହିଦ୍ ହୋଇଛନ୍ତି । ଆଉ ଜଣେ ଯବାନ୍ ଆହତ ହୋଇଥିବା ବେଳେ ତାଙ୍କୁ ବିଜାପୁର ପ୍ରାର୍ଥମିକ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି ।

## ମନସୁଖ ମାଣ୍ଡବ୍ୟ

ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଏବେ ଦେଶର ୬୪ ପ୍ରତିଶତ ନାଗରୀକ ସାମାଜିକ ସୁରକ୍ଷାର ସୁଫଳ ପାଉଛନ୍ତି । ଏ କ୍ଷେତ୍ରରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ରାଷ୍ଟ୍ର ହୋଇଛି ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଇଣ୍ଡିଆ ଏଜ୍-୨୦୨୫ ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଲାଗୁ ହୋଇଥିବା ନୂତନ ଶ୍ରମ ସଂହିତା ଶ୍ରମିକଙ୍କୁ ଅଧିକ ସଶକ୍ତ କରିବା ସହ ଆନ୍ତର୍ଜାତିକ ଶ୍ରମ ସଂଗଠନର ଚିନ୍ତାଧାରାକୁ ପ୍ରତିଫଳନ କରୁଛି । **V/O**

# ଭିପି-ଜର୍ଜିଆମିଟ୍

ଜର୍ଜିଆ ସଂସଦର ଅଧ୍ୟକ୍ଷ ସାଲଭା ପାପୁଆସ୍‌ଭିଲିଙ୍କ ନେତୃତ୍ୱରେ ଭାରତ ଗସ୍ତରେ ଆସିଥିବା ସଂସଦୀୟ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀ ସଂସଦ ଭବନରେ ଆଜି ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଉଭୟ ପକ୍ଷଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ଜର୍ଜିଆରେ ନୂତନ ଭାରତୀୟ ଦୂତାବାସ ଖୋଲିବା ସହ ପ୍ରତ୍ୟକ୍ଷ ଯୋଗାଯୋଗ ବୃଦ୍ଧିର ସମ୍ଭାବନା ଉପରେ ଉଭୟ ପକ୍ଷ ମତବିନିମୟ କରିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଏବଂ ନବୀକରଣୀୟ ଶକ୍ତି, ଚଳଚ୍ଚିତ୍ର, କ୍ରୀଡ଼ା, ଔଷଧ, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବାର ଉପରାଷ୍ଟ୍ରପତି କହିଛନ୍ତି ।

# ପୁଡୁଚେରୀ-କାଶୀ-ତାମିଲ୍ ସଂଗମମ୍

ପ୍ରଧାନମନ୍ତ୍ରୀଙ୍କ ସାଧୁ ଅଗସ୍ତ୍ୟ ଯାନ ଅଭିଯାନ-ସେବ୍ ଅଧୀନରେ କାଶୀ-ତାମିଲ୍ ସଂଗମମ୍‌ର ଚତୁର୍ଥ ସଂସ୍କରଣରେ ଅଂଶଗ୍ରହଣ କରିବା ପାଇଁ ଶ୍ରଦ୍ଧାଳୁଙ୍କର ଏକ ଦଳ ପୁଡୁଚେରୀରେ ପହଞ୍ଚିଛନ୍ତି । ଟେନ୍‌କାଶୀରୁ ତାଞ୍ଜାବୁର୍ ଦେଇ ଏହି ଶ୍ରଦ୍ଧାଳୁ ଦଳ ବାରାଣାସୀ ଯାତ୍ରା କରୁଛନ୍ତି । ପୁଡୁଚେରୀ ଉପରାଜ୍ୟପାଳ କେ. କୈଳାଶ ନାଥନ୍ ଦଳକୁ ସ୍ୱାଗତ ଏବଂ ସମ୍ବର୍ଦ୍ଧିତ କରିଛନ୍ତି ।

ଏହି ଅବସରରେ ଆୟୋଜିତ ଏକ ସମାବେଶକୁ ଶ୍ରଦ୍ଧାଳୁ ମଣ୍ଡଳୀ ସମ୍ବୋଧନ କରିବା ସହିତ ତାମିଲନାଡୁ-କାଶୀ ମଧ୍ୟରେ ଐତିହାସିକ ସଂଯୋଗ ଏବଂ ତାମିଲ୍ ଭାଷାର ଅଭିବୃଦ୍ଧି ଦିଗରେ ପୁଡୁଚେରୀର ଅବଦାନ ଦିଗରେ ଆଲୋକପାତ କରିଛନ୍ତି । ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୁଡୁଚେରୀ ବିଧାନସଭା ବାଚସ୍ପତି ଆର୍. ସେଲଭମ୍, ଗୃହ ମନ୍ତ୍ରୀ ଏ. ନମାସିଭୟମ୍ ଏବଂ ବିଧାୟକ କଲ୍ୟାଣ ସୁନ୍ଦରମ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଆର୍‌ଏସ୍‌-ପାନମସଲା ଟ୍ୟାକ୍ସ

ସମସ୍ତ ପ୍ରକାର ପାନମସଲା ପ୍ୟାକେଟ୍ ଉପରେ ନିର୍ଦ୍ଧାରିତ ମୂଲ୍ୟ ପ୍ରଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଲିଗାଲ୍ ମେଟ୍ରୋଲୋଜି ଦ୍ୱିତୀୟ ସଂଶୋଧନ ନୀତି ୨୦୨୫ ଆଧାରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତାବର୍ଷ ଫେବୃୟାରୀ ପହିଲାରୁ ଏହା କାର୍ଯ୍ୟକାରୀ କରାଯିବ । ପ୍ରସ୍ତୁତକର୍ତ୍ତାଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ଅଂଶିଦାର ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ବାଧ୍ୟ ବୋଲି ଉପଭୋକ୍ତା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଉପଭୋକ୍ତଙ୍କ ସୁରକ୍ଷା ଏବଂ ବ୍ୟବସାୟରେ ସ୍ୱଚ୍ଛତା ଆଣିବାରେ ଏହି ପଦକ୍ଷେପ ସହାୟକ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## କ୍ରିକେଟ୍

ରାୟପୁର ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ଭାରତ ୩୫୯ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ଚଳିତ ସିରିଜ୍‌ର ଏହି ଦ୍ୱିତୀୟ ମ୍ୟାଚ୍‌ରେ ଆଜି ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୩୫୮ରନ୍ ସଂଗ୍ରହ କରିଛି । ବିରାଟ କୋହଲି

୧୦୨ ଏବଂ ଋତୁରାଜ ଗାୟକଓ୍ୱାଡ୍ ୧୦୫ରନ୍ ସଂଗ୍ରହ କରିଥିବା ବେଳେ ଅଧିନାୟକ କେ.ଏଲ୍. ରାହୁଲ ୬୬ରନ୍‌ର ଅପରାଜିତ ପାଳି ଖେଳିଥିଲେ ।

୩୫୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ୧୭ ଓଭରରେ ଗୋଟିଏ ଓ୍ୱିକେଟ୍ ବିନିମୟରେ ୯୭ରନ୍ ସଂଗ୍ରହ କରିଛି ।

## ଇଣ୍ଡିଆ ଇୟୁ ଏଫ୍‌ଟିଏ

ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରିବାକୁ ଏକ ୪୦ ଜଣିଆ ୟୁରୋପୀୟ ସଂଘ ପ୍ରତିନିଧି ମଣ୍ଡଳୀ ଆସନ୍ତାକାଲି ନୂଆଦିଲ୍ଲୀରେ ପହଞ୍ଚିବେ । ଭାରତରେ ଅବସ୍ଥାପିତ ୟୁରୋପୀୟ ସଂଘ ଉଚ୍ଚାୟୁକ୍ତ ହାର୍‌ଭେ ଡେଲ୍‌ଫିନ୍ ନୂଆଦିଲ୍ଲୀରେ ଚାଲିଥିବା ବିଶ୍ୱ ବାର୍ଷିକ ସମ୍ମିଳନୀ ୨୦୨୫କୁ ସମ୍ବୋଧନ କରି ଏହା କହିଛନ୍ତି । ଉଭୟ ପକ୍ଷ ମଧ୍ୟରେ ଏଫ୍.ଟି.ଏ. ଆଲୋଚନା ଦ୍ୱିତୀୟ ପର୍ଯ୍ୟାୟ ଭାବରେ ପ୍ରତିନିଧି ମଣ୍ଡଳୀ ମତବିନିମୟ କରିବେ ବୋଲି ଜଣାପଡ଼ିଛି ।